ଓଡ଼ିଶା ସରକାର

# ବାର୍ଷିକ କାର୍ଯ୍ୟାବଳୀ ବିବରଣୀ
# 2005-2006

## ଗ୍ରାମ୍ୟ ଉନ୍ନୟନ ବିଭାଗ
## ଓଡ଼ିଶା ସରକାର
## ଭୁବନେଶ୍ୱର

## ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟ ବିବରଣୀ
2005-2006

୧୯୯୦ ମସିହା ଜୁଲାଇ ମାସ ପହିଲା ଦିନ କ୍ଷୁଦ୍ର ଜଳସେଚନ, ଉଠା ଜଳସେଚନ, ଗ୍ରାମ୍ୟ ନିର୍ମାଣ ଏବଂ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ସଂସ୍ଥା ଗୁଡ଼ିକୁ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଗଠନ କରାଯାଇଥିଲା । ପରବର୍ତ୍ତୀ ସମୟରେ ସମସ୍ତ ପ୍ରକାର ଜଳସେଚନ କାର୍ଯ୍ୟକ୍ରମ ଗୋଟିଏ ବିଭାଗର ତତ୍ତ୍ୱାବଧାନରେ କାର୍ଯ୍ୟକାରୀ କରିବାର ଉଦ୍ଦେଶ୍ୟ ରଖି ୧୯୯୬ ମସିହାରେ କ୍ଷୁଦ୍ର ଜଳସେଚନ ଏବଂ ଉଠା ଜଳସେଚନ ସଂସ୍ଥା ଦ୍ୱୟ ଏହି ବିଭାଗରୁ ପୃଥକ କରାଯାଇ ଜଳ ସଂପଦ ବିଭାଗରେ ମିଶ୍ରଣ କରାଗଲା । ସଂପ୍ରତି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ (୧) ଗ୍ରାମ୍ୟ ନିର୍ମାଣ ଓ (୨) ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ନାମକ ଦୁଇଗୋଟି ସଂସ୍ଥା କାର୍ଯ୍ୟ କରୁଅଛି ।

ଗ୍ରାମ୍ୟ ନିର୍ମାଣ ସଂସ୍ଥା ଗ୍ରାମାଞ୍ଚଳରେ ରାସ୍ତାଘାଟ ଏବଂ ପୋଲର ନିର୍ମାଣ ତଥା ରକ୍ଷଣାବେକ୍ଷଣର ଦାୟିତ୍ୱ ବହନ କରୁଅଛି । ଏହି ସଂସ୍ଥା ବିଭିନ୍ନ ଯୋଜନା ମାଧ୍ୟମରେ ଯଥା - ନାବାର୍ଡର ଗ୍ରାମ୍ୟ ଭିତ୍ତିଭୂମୀ ଉନ୍ନତୀକରଣ ପାଣ୍ଠି (ଆର୍‌·ଆଇ·ଡ଼ି·ଏଫ୍‌), ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା, କେ·ବି·କେ ଜିଲ୍ଲା ମାନଙ୍କରେ ପରିବର୍ତ୍ତିତ ଦୀର୍ଘ ମିଆଦି କାର୍ଯ୍ୟକ୍ରମ ଏବଂ ନିର୍ବାଚନ ମଣ୍ଡଳୱାରୀ ଅନୁଦାନ ଯୋଗେ ଗ୍ରାମ୍ୟ ସଂଯୋଗୀକରଣରେ ବିକାଶ ଘଟାଇବାକୁ ପଦକ୍ଷେପ ନେଉଅଛି । ଏହି ସଂସ୍ଥା ମଧ୍ୟ ଗ୍ରାମାଞ୍ଚଳରେ ସରକାରୀ କୋଠାବାଡ଼ିର ନିର୍ମାଣ, ମରାମତି ତଥା ରକ୍ଷଣାବେକ୍ଷଣ କରୁଅଛି ।

ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ସଂସ୍ଥା କେନ୍ଦ୍ର ପ୍ରବର୍ତ୍ତିତ ତ୍ୱରାନ୍ୱିତ ଗ୍ରାମ୍ୟ ଜଳ ଯୋଗାଣ କାର୍ଯ୍ୟକ୍ରମ, କେ·ବି·କେ ଜିଲ୍ଲାଗୁଡ଼ିକ ପାଇଁ ପରିବର୍ତ୍ତିତ ଦୀର୍ଘ ମିଆଦି କାର୍ଯ୍ୟକ୍ରମରେ ପ୍ରାପ୍ତ ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା ଓ ସ୍ୱଜଳଧାରା ଭଳି କାର୍ଯ୍ୟକ୍ରମ ଗୁଡ଼ିକ ମାଧ୍ୟମରେ ରାଜ୍ୟର ଗ୍ରାମାଞ୍ଚଳରେ ପାନୀୟ ଜଳଯୋଗାଣ ନିମନ୍ତେ କାର୍ଯ୍ୟ କରୁଛି ।

ଗୋଷ୍ଠୀ ଭାଗିଦାରୀ ଭିତ୍ତିକ ତଥା ଜନସାଧାରଣଙ୍କ ଚାହିଦାକୁ ଦୃଷ୍ଟିରେ ରଖି କାର୍ଯ୍ୟକାରୀ କରାଯାଉଥିବା ସ୍ୱଜଳଧାରା ଓ ସ-ମ୍ପୂର୍ଣ୍ଣ ପରିମଳ ଅଭିଯାନର ସଫଳ ରୂପାୟନ ନିମନ୍ତେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ୨୦୦୨ ମସିହା ରେ 'ଗ୍ରାମ୍ୟ ଜଳ ଏବଂ ପରିମଳ ମିଶନ' ଗଠନ କରାଯାଇଛି । ଏହି ସଂସ୍ଥା ୟୁନିସେଫ୍ ଓ ଅନ୍ୟାନ୍ୟ ବେସରକାରୀ ସଂଗଠନ ସହଯୋଗରେ ପାନୀୟ ଜଳ ଯୋଗାଣ ଓ ସ-ମ୍ପୂର୍ଣ୍ଣ ପରିମଳ ଅଭିଯାନ ଯୋଜନାରେ ପାଇଖାନା ବ୍ୟବହାର ନିମନ୍ତେ ପ୍ରଚାର ତଥା ପ୍ରୋତ୍ସାହନ ଦେବା ପାଇଁ କାର୍ଯ୍ୟ କରୁଅଛି ।

ଉପର ବର୍ଣ୍ଣିତ ଯୋଜନା ଓ କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ କରିବା ସହ ଉକ୍ତ ସଂସ୍ଥାଦ୍ୱୟ ମଧ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଗ୍ରାମାଞ୍ଚଳରେ ଜନସାଧାରଣଙ୍କୁ ତ୍ୱରୀତ ସେବା ଯୋଗାଇଥାନ୍ତି ।

## ଗ୍ରାମ୍ୟ ନିର୍ମାଣ କାର୍ଯ୍ୟକ୍ରମ

ଗ୍ରାମାଞ୍ଚଳବାସୀଙ୍କର ସାମାଜିକ ତଥା ଅର୍ଥନୈତିକ ବିକାଶ ପାଇଁ ରାସ୍ତାଘାଟ ନିର୍ମାଣ, ଉନ୍ନତିକରଣ ଓ ସେଗୁଡିକର ସୁବ୍ୟବସ୍ଥିତ ରକ୍ଷଣାବେକ୍ଷଣ ଗୁରୁତ୍ୱପୂର୍ଣ୍ଣ । ଏତଦ୍ ବ୍ୟତୀତ ଗ୍ରାମାଞ୍ଚଳରେ ଥିବା ନଦୀ, ଯୋର ତଥା ନାଳ ଗୁଡିକ ଉପରେ ଆବଶ୍ୟକ ସ୍ଥାନରେ ସେତୁ ନିର୍ମାଣ କରି ଗ୍ରାମବାସୀମାନଙ୍କୁ ସ୍ଥାୟୀ ଗମନାଗମନର ସୁବିଧା ଯୋଗାଣ ସହ ଗ୍ରାମାଞ୍ଚଳରେ ସରକାରୀ କୋଠାବାଡିର ନିର୍ମାଣ ଓ ରକ୍ଷଣାବେକ୍ଷଣ ମଧ୍ୟ ଏହି ଗ୍ରାମ୍ୟ ନିର୍ମାଣ କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ ।

01.04.2005 ମସିହା ସୁଦ୍ଧା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ମୋଟ 27882 କି·ମି· ରାସ୍ତା ମଧ୍ୟରୁ 12657 କି·ମି· ପିଚୁ ଓ କଂକ୍ରିଟ ରାସ୍ତା, 10146 କି·ମି· ମେଟାଲ, 576 କି·ମି· ମୋରମ୍ ରାସ୍ତା, 4465 କିମି ମାଟି ରାସ୍ତା ଓ ଅବଶିଷ୍ଟ ମିସିଂ ଲିଙ୍କ ଅଛି । ଏତଦ୍ ବ୍ୟତୀତ ଏହି ବିଭାଗ ଅଧୀନରେ 1183197ବର୍ଗ ମିଟର (ଭିତ୍ତି ମୂଳ) ଆବାସିକ ଗୃହ ଓ 3299831 ବର୍ଗ ମିଟର (ଭିତ୍ତି ମୂଳ) ଅଣ-ଆବାସିକ ଗୃହ ଅଛି ।

2005-06 ଆର୍ଥିକ ବର୍ଷରେ ଗ୍ରାମ୍ୟ ନିର୍ମାଣ ସଂସ୍ଥା (Rural Works Organisation) ନିମନ୍ତେ ରାଜ୍ୟ ଯୋଜନା (State plan) ବାବଦରେ ମୋଟ 11072 ଲକ୍ଷ 22 ହଜାର ଟଙ୍କାର ବ୍ୟୟ ବ୍ୟବସ୍ଥା କରାଯାଇ ଅଛି । K.B.K. ଜିଲ୍ଲାମାନଙ୍କ ପାଇଁ 1139 ଲକ୍ଷ 21 ହଜାର ଟଙ୍କା ବ୍ୟୟ ବରାଦ ହୋଇଅଛି । ଏହା ବ୍ୟତୀତ C.W.A ରେ 1450.00 ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଅଛି । ସେହିପରି ନାବାର୍ଡ ସହାୟତାରେ ରାସ୍ତା ଓ ପୋଲ କାର୍ଯ୍ୟ ଗୁଡ଼ିକୁ ଚାଲୁ ରଖିବା ପାଇଁ 8027.00 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଅଛି ।

## KBK ଜିଲ୍ଲା ମାନଙ୍କରେ ସଂଶୋଧିତ ଦୀର୍ଘମିଆଦି କାର୍ଯ୍ୟକ୍ରମ

ରାଜ୍ୟର ଅନଗ୍ରସର ଓ ଆଦିବାସୀ ଅଧ୍ୟୁଷିତ 8ଟି ଜିଲ୍ଲା ଯଥା - କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ମାଲକାନ୍‌ଗିରି, ବଲାଙ୍ଗିର, ସୋନପୁର, କଳାହାଣ୍ଡି ଓ ନୂଆପଡ଼ାରେ ସଂଶୋଧିତ ଦୀର୍ଘମିଆଦି କାର୍ଯ୍ୟକ୍ରମ ଜରିଆରେ ଗମନାଗମନର ବିକାଶ ପାଇଁ ସରକାର ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି ।

2005-06 ଆର୍ଥିକ ବର୍ଷରେ କେ.ବି.କେ ଜିଲ୍ଲାମାନଙ୍କରେ ଗମନାଗମନର ବିକାଶ ପାଇଁ ପୂର୍ବ ବର୍ଷର ଟ.89 ଲକ୍ଷ 21ହଜାର ବଳକା ରାଶିକୁ ମିଶାଇ ମୋଟ ଟ.1139 ଲକ୍ଷ 21 ହଜାର ଟଙ୍କାରବ୍ୟୟ ବରାଦ କରାଯାଇଥିଲା । ଏହି ଅର୍ଥ ବିନିଯୋଗ କରି 12ଟି ପୋଲ ନିର୍ମାଣ କରିବାର ପ୍ରସ୍ତାବ ଥିଲା । ତନ୍ମଧ୍ୟରୁ 4ଟି ପୋଲର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି ଓ ଅନ୍ୟ 4ଟି ପ୍ରକଳ୍ପର ନିର୍ମାଣ 2006 ମାର୍ଚ୍ଚ ମାସ ଶେଷ ସୁଦ୍ଧା ସାରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

2006-07 ଆର୍ଥିକ ବର୍ଷରେ କେ.ବି.କେ ଜିଲ୍ଲମାନଙ୍କରେ ଗମନାଗମନର ବିକାଶ ପାଇଁ କୌଣସି ବ୍ୟୟ ବରାଦ ନାହିଁ । ଅପରନ୍ତୁ ଚାଲୁ ରହିଥିବା ସେତୁମାନଙ୍କ ପାଇଁ 1150ଲକ୍ଷ ଟଙ୍କାର ଆବଶ୍ୟକତା ରହିଛି ।

## ନାବାର୍ଡ (NABARD)

2005-06 ଆର୍ଥିକ ବର୍ଷରେ ନାବାର୍ଡ ସହାୟତାରେ 135ଟି ସେତୁ ଏବଂ 83 ଟି ରାସ୍ତା ପାଇଁ 8027 ଲକ୍ଷ ଟଙ୍କାର ବ୍ୟବସ୍ଥା ଅଛି । ଅଦ୍ୟାବଧି ତନ୍ମଧ୍ୟରୁ 23ଟି ସେତୁ ସ-ର୍ପୂଣ୍ଣ ହୋଇଛି ଏବଂ ଅନ୍ୟ 17ଟି ସେତୁର କାର୍ଯ୍ୟ ତା 31.3.2006 ସୁଦ୍ଧା ସ-ର୍ପୂଣ୍ଣ କରିବାର ଲକ୍ଷ୍ୟ ରଖାଯାଇଛି । ସେହିପରି ଚାଲୁ ରହିଥିବା ଉପରୋକ୍ତ 83ଟି ରାସ୍ତା ମଧ୍ୟରୁ 25ଟି ରାସ୍ତାର କାର୍ଯ୍ୟ ସ-ର୍ପୂଣ୍ଣ ହୋଇଛି ଏବଂ ଅନ୍ୟ 10ଟି ରାସ୍ତାର କାର୍ଯ୍ୟ ତା31.3.2006 ସୁଦ୍ଧା ଶେଷ କରାଯିବାପାଇଁ ଲକ୍ଷ୍ୟ ରଖାଯାଇଛି ।

2006-07 ଆର୍ଥିକ ବର୍ଷରେ 98 ଟି ସେତୁ ଓ 108 ଟି ରାସ୍ତା ମାନଙ୍କର ଉନ୍ନତିକରଣ ପାଇଁ 60 କୋଟି ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ଅଛି । ତନ୍ମଧ୍ୟରୁ 25ଟି ସେତୁ ଓ 390କି.ମି. ରାସ୍ତା ନିର୍ମାଣ କାର୍ଯ୍ୟ ସମାପ୍ତ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି ।

## ନିର୍ବାଚନ ମଣ୍ଡଳୱାରୀ ପାଣ୍ଠି

ଗ୍ରାମ୍ୟ ରାସ୍ତାର ଉନ୍ନତିକରଣ ନିମନ୍ତେ ଏହି ପାଣ୍ଠିରୁ ମଞ୍ଜୁରୀପ୍ରାପ୍ତ 1450.00 ଲକ୍ଷ ଟଙ୍କା ବିନିଯୋଗ କରି 800 ଟି ରାସ୍ତାକୁ ଗମନାଗମନ ଉପଯୋଗୀ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି । ଏହି ସମସ୍ତ କାର୍ଯ୍ୟ ଚଳିତ ଆର୍ଥିକ ବର୍ଷ (2005-06) ମଧ୍ୟରେ ସମାପ୍ତ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି ।

2006-07 ବର୍ଷ ପାଇଁ 1450.00ଲକ୍ଷ ଟଙ୍କାର ବ୍ୟୟ ପ୍ରସ୍ତାବ ଅଛି ।

## ଦ୍ୱାଦଶ ଅର୍ଥ କମିଶନ ଆୱାର୍ଡ (Twelfth Finance Commission Award)

2006-07 ଆର୍ଥିକ ବର୍ଷରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅନ୍ତର୍ଗତ ରାସ୍ତା ଓ ଅଣ ଆବାସୀକ କୋଠାବାଡ଼ିର ମରାମତି ପାଇଁ ଯଥାକ୍ରମେ 135କୋଟି ଓ 41କୋଟି 78ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି । ଉକ୍ତ ଅନୁଦାନକୁ ସଠିକଭାବେ ବିନିଯୋଗ କରି ରାସ୍ତା ଏବଂ ଅଣଆବାସିକ କୋଠାବାଡ଼ି ସମୂହର ଆବଶ୍ୟକ ମରାମତି କରାଯିବା ନିମିତ୍ତ ସମସ୍ତ ପଦକ୍ଷେପ ନିଆଯାଉଅଛି ।

## ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା

2000 ମସିହା ଡିସେମ୍ବର 25 ତାରଖରୁ ଦେଶରେ ନୂତନ କରି କେନ୍ଦ୍ରସରକାରଙ୍କ ଶତ ପ୍ରତିଶତ ଅନୁଦାନରେ ପ୍ରବର୍ତ୍ତିତ "ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା" ଗ୍ରାମ୍ୟ ସଂଯୋଗୀକରଣ କ୍ଷେତ୍ରରେ ନବ ଦିଗନ୍ତ ସୃଷ୍ଟି କରିଛି । ସଂପୃକ୍ତ ଯୋଜନା ମାଧ୍ୟମରେ 5 ବର୍ଷ ପାଇଁ ଗ୍ୟାରେଣ୍ଟି ଥିବା ଉଚ୍ଚମାନର ରାସ୍ତା ନିର୍ମାଣ ମାଧ୍ୟମରେ ଗମନାଗମନର ସୁବିଧାରୁ ବଞ୍ଚିତ 1000ରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଜନବସତି ଏବଂ ଆଦିବାସୀ ଅଞ୍ଚଳରେ 500ରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଜନବସତି ଗୁଡିକୁ 2009 ମସିହା ସୁଦ୍ଧା ସବୁଦିନିଆ ରାସ୍ତା ଦ୍ୱାରା ସଂଯୋଗୀକରଣ ପାଇଁ ଲକ୍ଷ୍ୟ ରଖାଯାଇଛି । ଏହି ଯୋଜନା ଦ୍ୱାରା ସଂପୃକ୍ତ ଗ୍ରାମଗୁଡିକର ସାମାଜିକ ଓ ଅର୍ଥନୈତିକ ବିକାଶ ସାଧିତ ହେବା ନିଶ୍ଚିତ ।

ଉପରୋକ୍ତ ଯୋଜନାରେ 2000-01 ରୁ 2004-05 ଆର୍ଥିକ ବର୍ଷ ମଧ୍ୟରେ ସମୁଦାୟ 2134ଟି ରାସ୍ତା (6418.82 କି.ମି.) ନିର୍ମାଣ ପାଇଁ କେନ୍ଦ୍ର ସରକାର 1364.43କୋଟି ଟଙ୍କାର ମଞ୍ଜୁରୀ ପ୍ରଦାନ କରିଥିଲେ ଏବଂ ଏଥି ମଧ୍ୟରୁ କେନ୍ଦ୍ର ସରକାର ଫେବୃୟାରୀ ମାସ ଶେଷ ସୁଦ୍ଧା 974 କୋଟି 79 ଲକ୍ଷ ଟଙ୍କା ଯୋଗାଇ ଦେଇଛନ୍ତି । ତା 28.2.2006 ରିଖ ସୁଦ୍ଧା 1082 କୋଟି 99 ଲକ୍ଷ ଟଙ୍କାର କାର୍ଯ୍ୟ କରାଯାଇ ମୋଟ 1527ଟି ରାସ୍ତା (4105.67 କି.ମି.) ର ନିର୍ମାଣ କାର୍ଯ୍ୟ ଶେଷ କରାଯାଇଅଛି । ଏହି ବିନିଯୋଗ ମୋଟ ମିଳିଥିବା ଅର୍ଥର 111.09 ପ୍ରତିଶତ ଅଟେ ।

2005-06 ଆର୍ଥିକ ବର୍ଷ ପାଇଁ ସମୁଦାୟ 739 ଟି ରାସ୍ତା (3096.82 କି.ମି.) ନିର୍ମାଣ ପାଇଁ କେନ୍ଦ୍ର ସରକାର ସମୁଦାୟ 880.43 କୋଟି ଟଙ୍କା ମଂଜୁରୀ ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟ ଗୁଡ଼ିକର ଟେଣ୍ଡର ଆହ୍ୱାନ କରାଯାଇ କାର୍ଯ୍ୟ ଆରମ୍ଭ ପାଇଁ ପଦକ୍ଷେପ ନିଆଯାଇଅଛି ।

2006-07 ଆର୍ଥିକ ବର୍ଷ ପାଇଁ ଏହି ଯୋଜନା ମାଧ୍ୟମରେ 3487କି.ମି. ନୂତନ ରାସ୍ତା ନିର୍ମାଣ ଏବଂ 1040କି.ମି. ରାସ୍ତାର ଉନ୍ନତିକରଣ ପାଇଁ ଲକ୍ଷ୍ୟ ରଖାଯାଇ ଆବଶ୍ୟକୀୟ ଆଗୁଆ ପଦକ୍ଷେପ ନିଆଯାଉଅଛି ।

## 2006-07 ବର୍ଷ ପାଇଁ ରାଜ୍ୟ ଯୋଜନା

2006-07 ଆର୍ଥିକ ବର୍ଷରେ ରାଜ୍ୟ ଯୋଜନା ବାବଦରେ

Rs.7750 ଲକ୍ଷ ଟଙ୍କା ନିମ୍ନଲିଖିତ କାର୍ଯ୍ୟ ପାଇଁ ଅଟକଳ କରାଯାଇଛି ।

| **କ୍ରମିକ ନଂ** | **କାର୍ଯ୍ୟକ୍ରମ** | | **(ଲକ୍ଷ ଟଙ୍କାରେ)** |
|---|---|---|---|
| 1. | ନାବାର୍ଡ ସହାୟତାରେ ସେତୁ ଓ ରାସ୍ତା ନିର୍ମାଣ | - | 6000.00 |
| 2. | ବିଧାୟକ ମଣ୍ଡଳୀୱାରୀ ଅନୁଦାନରେ ରାସ୍ତା ଉନ୍ନତିକରଣ | - | 1450.00 |
| 3. | ଅତିରିକ୍ତ କେନ୍ଦ୍ରୀୟ ଅନୁଦାନ | - | 100.00 |
| 4. | EAP (ବାହ୍ୟ ଅନୁଦାନ) | – | 100.00 |
| 5. | ନିର୍ଦ୍ଦେଶିତ ବ୍ୟୟ | - | 50.00 |
| 6. | ଅନ୍ୟାନ୍ୟ | - | 50.00 |
| | ମୋଟ | - | 7750.00 |

## ରାଜ୍ୟ ଅଣ ଯୋଜନା

2006-07 ଆର୍ଥିକ ବର୍ଷରେ ରାଜ୍ୟ ଅଣଯୋଜନା ବାବଦରେ Rs.276,27.85 ଲକ୍ଷ ଟଙ୍କା ନିମ୍ନଲିଖିତ କାର୍ଯ୍ୟ ପାଇଁ ପ୍ରସ୍ତାବ କରାଯାଇଛି ।

| | କାର୍ଯ୍ୟକ୍ରମ | | (ଲକ୍ଷ ଟଙ୍କାରେ) |
|---|---|---|---|
| 1. | ପ୍ରତିଷ୍ଠାନ ବ୍ୟୟ | | 1851.54 |
| 2. | ଗୃହ ନିର୍ମାଣ | | 132.78 |
| 3. | ଅଫିସ୍ ଗୃହ ରକ୍ଷଣାବେକ୍ଷଣ | | 1702.90 |
| 4. | ବାସଗୃହ ରକ୍ଷଣାବେକ୍ଷଣ | | 1429.54 |
| 5. | ରାସ୍ତା ରକ୍ଷଣାବେକ୍ଷଣ | | 8638.00 |
| 6. | ଅସ-ମ୍ପୂର୍ଣ୍ଣ ରାସ୍ତା ଏବଂ ସେତୁର ନିର୍ମାଣ | | 500.00 |
| 7. | ଦ୍ୱାଦଶ ଅର୍ଥ କମିଶନଙ୍କ ଅନୁଦାନ | | |
| | (କ) ଅଫିସ ଗୃହ ରକ୍ଷଣାବେକ୍ଷଣ | | 4178.00 |
| | (ଖ) ରାସ୍ତା ରକ୍ଷଣାବେକ୍ଷଣ | | 13500.00 |
| 8. | ଅନ୍ୟାନ୍ୟ | | 8.00 |
| 9. | ସସ୍ପେନ୍ସ | | 500.00 |
| 10. | ପ୍ରୋରଟା | (-) | 4812.91 |
| | **ମୋଟ୍** | | 27627.85 |

ବିଭିନ୍ନ କାମ ପାଇଁ ବରାଦ ଏହି ଅର୍ଥରେ ଆବଶ୍ୟକ ଅନୁଯାୟୀ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ଥିବା ରାସ୍ତା ଓ ଗୃହଗୁଡିକର ମରାମତି ଓ ରକ୍ଷଣାବେକ୍ଷଣ କରାଯିବ ।

## ଗ୍ରାମ୍ୟ ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମ

ରାଜ୍ୟର ଗ୍ରାମାଞ୍ଚଳରେ ପାନୀୟ ଜଳର ଆବଶ୍ୟକତା ପୂରଣ ନିମନ୍ତେ ସରକାର ନିଷ୍ଠାପର ଉଦ୍ୟମ କରୁଛନ୍ତି । ଗ୍ରାମାଞ୍ଚଳରେ ପାନୀୟ ଜଳର ଚାହିଦା ପୂରଣ ନିମନ୍ତେ ଜାତୀୟ ସ୍ତରରେ ଦୈନିକ

ମୁଣ୍ଡପିଛା 40 ଲିଟର ଜଳ ଯୋଗାଣ ଲକ୍ଷ୍ୟ ରଖାଯାଇଛି । ଏହି ଲକ୍ଷ୍ୟ ହାସଲ ପାଇଁ 250 ଜଣ ବ୍ୟକ୍ତିଙ୍କ ପାଇଁ (କେ·ବି·କେ· ଜିଲ୍ଲାମାନଙ୍କରେ 150 ଜଣ ବ୍ୟକ୍ତିଙ୍କ ପାଇଁ) ଗୋଟିଏ ନଳକୂପ ବା ପାଇପ୍ ଜଳ ଯୋଗାଣର ସୁବିଧା ଥିଲେ ଗୋଟିଏ ଷ୍ଟାଣ୍ଡପୋଷ୍ଟ ସ୍ଥାପନ କରାଯାଉଛି । ଯେଉଁ ଗ୍ରାମ/ପଡ଼ା ଗ୍ରାମ ଗୁଡ଼ିକର ଜନସଂଖ୍ୟା 100 ବା ତଦୁର୍ଦ୍ଧ୍ୱ ସେହି ଗ୍ରାମ/ପଡ଼ାଗ୍ରାମ ଗୁଡ଼ିକ ପାଇଁ ଅନୁରୂପ ବ୍ୟବସ୍ଥା କରାଯାଉଛି । ଅନୁସୂଚୀତ ଜାତି/ଜନଜାତି ଅଧ୍ୟୁଷିତ ଗ୍ରାମ/ପଡ଼ାଗ୍ରାମ ଗୁଡ଼ିକରେ ପାନୀୟ ଜଳ ବ୍ୟବସ୍ଥା ନିମନ୍ତେ ଗୁରୁତ୍ୱ ଦିଆଯାଉଛି ।

1991 ଜନଗଣନା ଭିତ୍ତିରେ 1993 ମସିହାରେ କରାଯାଇଥିବା ସର୍ବେକ୍ଷଣରେ ଚିହ୍ନିତ ସମସ୍ତ 1,14,099ଟି ଗ୍ରାମ ଓ ପଡାଗ୍ରାମକୁ ତା·31.3.2002ରିଖ ସୁଦ୍ଧା ପାନୀୟ ଜଳ ସୁବିଧା ଯୋଗାଇ ଦିଆଯାଇଥିଲା । କିନ୍ତୁ ଜନସଂଖ୍ୟା ବୃଦ୍ଧି, ନୂଆ ପଡାଗ୍ରାମ ସୃଷ୍ଟି ଓ କିଛି ନଳକୂପ ସଂପୂର୍ଣ୍ଣ ଅଚଳ ହୋଇପଡିବା ଯୋଗୁଁ ପାନୀୟ ଜଳ ସୁବିଧା ଯୋଗାଇ ଦିଆଯାଇଥିବା କିଛି ଗ୍ରାମ ଓ ପଡାଗ୍ରାମରେ ପାନୀୟ ଜଳର ଅଭାବ ପରିଲକ୍ଷିତ ହେଉଛି ।

ଗ୍ରାମାଞ୍ଚଳରେ ପାନୀୟ ଜଳର ଉପଲବ୍ଧି ସ- ର୍କରେ ଏକ ସ୍ୱଚ୍ଛ ଚିତ୍ର ପାଇବା ନିମନ୍ତେ 2003 ମସିହାରେ 2001 ଜନଗଣନା ଭିତ୍ତିରେ ଏକ ସର୍ବେକ୍ଷଣ କରାଯାଇଥିଲା । ଏହି ସର୍ବେକ୍ଷଣ ଆଧାରରେ 2003-04 ଓ 2004-05 ଆର୍ଥିକ ବର୍ଷରେ ପାନୀୟ ଜଳର ସୁବିଧା ନଥିବା ବା ଆଂଶିକ ସୁବିଧା ଥିବା ଗ୍ରାମଗୁଡିକରେ ପାନୀୟ ଜଳର ଚାହିଦା ପୂରଣ ନିମନ୍ତେ ଅଧିକ ନଳକୂପ ଖନନ କରିବା ପାଇଁ ପ୍ରାଧାନ୍ୟ ଦିଆଯାଇଥିଲା । ପ୍ରାପ୍ତ ତଥ୍ୟ ଅନୁଯାୟୀ ତା·1.4.2005ରିଖରେ ରାଜ୍ୟର 12,375ଟି ଗ୍ରାମ/ପଡାଗ୍ରାମରେ ପାନୀୟ ଜଳର ସୁବିଧା ନଥିଲା ଓ 13,680ଟି ଗ୍ରାମ/ପଡାଗ୍ରାମ ପାନୀୟ ଜଳର ଆବଶ୍ୟକତା ପୂରଣ ନିମନ୍ତେ ଆଂଶିକ ସୁବିଧା ଥିଲା । 2005-06 ଆର୍ଥିକ ବର୍ଷରେ ପାନୀୟ ଜଳର ସୁବିଧା ନଥିବା ଗ୍ରାମ/ପଡାଗ୍ରାମ ତଥା ବିଦ୍ୟାଳୟ ଗୁଡିକରେ ପାନୀୟ ଜଳର ବ୍ୟବସ୍ଥା କରିବା ପାଇଁ ଗୁରୁତ୍ୱ ଆରୋପ କରାଯାଇଛି । 2006 ଫେବୃୟାରୀ ଶେଷ ସୁଦ୍ଧା 6418ଟି ଅଣସେବିତ (Not Covered and slipped Not Covered), 1508ଟି ଆଂଶିକ ସେବିତ(Partially Covered) ଗ୍ରାମ/ପଡାଗ୍ରାମ ଓ 5558ଟି ବିଦ୍ୟାଳୟରେ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି ।

କେନ୍ଦ୍ର ପ୍ରବର୍ତ୍ତିତ ତ୍ୱରାନ୍ୱିତ ଗ୍ରାମ୍ୟ ଜଳଯୋଗାଣ କାର୍ଯ୍ୟକ୍ରମ (Accelerated Rural Water Supply Programme) ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ମୁଖ୍ୟ କାର୍ଯ୍ୟକ୍ରମ । କେ·ବି·କେ· ଜିଲ୍ଲା ମାନଙ୍କ ପାଇଁ ମିଳୁଥିବା ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା (Special Central Assistance) ଓ ରାଜ୍ୟ ଯୋଜନାରେ ମିଳୁଥିବା ଅର୍ଥକୁ ତ୍ୱରାନ୍ୱିତ ଗ୍ରାମ୍ୟ ଜଳ ଯୋଗାଣ କାର୍ଯ୍ୟକ୍ରମ (Accelerated Rural Water Supply Programme) ମାଧ୍ୟମରେ ମିଳୁଥିବା କେନ୍ଦ୍ରୀୟ ସହାୟତା ସହିତ ମେଳ କରି ଗ୍ରାମ୍ୟ ଜଳଯୋଗାଣ କାର୍ଯ୍ୟକ୍ରମ ନିମନ୍ତେ ବିନିଯୋଗ କରାଯାଉଛି । 2005-06 ଆର୍ଥିକ ବର୍ଷରେ ଗ୍ରାମ୍ୟ ପାନୀୟଜଳ

ଯୋଗାଣ କାର୍ଯ୍ୟକ୍ରମ ସକାଶେ ରାଜ୍ୟ ଯୋଜନାରେ 9411.44 ଲକ୍ଷ ଟଙ୍କା ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାରେ 17361.60 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ।

2005-06 ଆର୍ଥିକ ବର୍ଷରେ 23544ଟି ନଳକୂପ ଓ 935ଟି ପରିମଳକୂପ ସ୍ଥାପନ ସମେତ 125ଟି ନୂତନ ପାଇପ୍ ଜଳଯୋଗାଣ ପ୍ରକଳ୍ପର ବୈଷୟିକ ଅନୁସନ୍ଧାନ ଓ ଆଂଶିକ ନିର୍ମାଣ ଏବଂ 185ଟି ନିର୍ମାଣାଧୀନ ପାଇପ୍ ଜଳଯୋଗାଣ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରିବା ନିମିତ୍ତ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । 2006 ଫେବୃୟାରୀ ମାସ ଶେଷ ସୁଦ୍ଧା 13078 ଟି ନଳକୂପ ଓ 339 ଟି ପରିମଳକୂପ ଖନନ କରାଯାଇଛି ଏବଂ 131ଟି ପାଇପ୍ ଜଳଯୋଗାଣ ପ୍ରକଳ୍ପର ନିର୍ମାଣକାର୍ଯ୍ୟ ଶେଷ କରାଯାଇଛି । ବିପର୍ଯ୍ୟୟ ସହାୟତା ପାଣ୍ଠି (Calamity Relief Fund)ରୁ ପ୍ରାପ୍ତ ଅନୁଦାନରୁ 592ଟି ନଳକୂପ ସ୍ଥାପନ କରାଯାଇଅଛି ଓ ତନ୍ମଧ୍ୟରୁ 293ଟି ନଳକୂପ ଗ୍ରାମାଞ୍ଚଳରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କରେ ସ୍ଥାପନ କରାଯାଇଛି । 2006 ଫେବୃୟାରୀ ମାସ ଶେଷ ସୁଦ୍ଧା ରାଜ୍ୟରେ ମୋଟ ନଳକୂପ ସଂଖ୍ୟା 230334, ପରିମଳକୂପ ସଂଖ୍ୟା 5746, ଝରଣାଭିତ୍ତିକ ଉତ୍ସ ସଂଖ୍ୟା 144 ଏବଂ ସଂପୂର୍ଣ୍ଣ ହୋଇଥିବା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ସଂଖ୍ୟା 1058ରେ ପହଞ୍ଚିଛି । ବର୍ତ୍ତମାନ 261ଟି ପାଇପ୍ ଜଳଯୋଗାଣ ପ୍ରକଳ୍ପ ନିର୍ମାଣାଧୀନ ଅଛି ।

2006-07 ଆର୍ଥିକ ବର୍ଷରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମ ନିମନ୍ତେ ରାଜ୍ୟ ଯୋଜନାରେ 8200,00 ଲକ୍ଷ ଟଙ୍କାର, ଅଣଯୋଜନାରେ 3770.41ଲକ୍ଷ ଟଙ୍କାର ଏବଂ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାରେ 15752.14 ଲକ୍ଷ ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ଦିଆଯାଇଛି । ରାଜ୍ୟ ଯୋଜନା, ଅଣଯୋଜନା ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାରେ ବିଭିନ୍ନ ବାବଦରେ 2006-07 ଆର୍ଥିକ ବର୍ଷ ପାଇଁ ବ୍ୟୟ ବରାଦ ପ୍ରସ୍ତାବ ଏଥିସହିତ ଦର୍ଶାଯାଇଛି ।

## 2006-07 ରାଜ୍ୟ ଯୋଜନା.ଅଣ ଯୋଜନା ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାର ବ୍ୟୟ ଅଟକଳ

(ଲକ୍ଷ ଟଙ୍କାରେ)

| ବିଷୟ | ରାଜ୍ୟ ଯୋଜନା | ରାଜ୍ୟ ଅଣଯୋଜନା | କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା |
|---|---|---|---|
| 1. (କ)ନଳକୂପ ଖନନ | 3077.60 | - | 4992.00 |
| (ଖ)ପରିମଳ କୂପ | 600.00 | - | 600.00 |
| (ଗ)ଭୂତଳ ଜଳର ପୁନଃ ବିନିଯୋଗ ପିଟ୍ | 50.00 | - | - |
| (ଘ)ପାର-ାରିକ ଉତ୍ସର ଉନ୍ନତିକରଣ | 100.00 | - | – |
| 2. ପାଇପ୍ ଜଳଯୋଗାଣ କାର୍ଯ୍ୟକ୍ରମ | | | |
| (କ)ନିର୍ମାଣାଧୀନ ପ୍ରକଳ୍ପ | 200.00 | - | 151.71 |
| (ଖ)ସବ୍-ମିଶନ୍ ପ୍ରକଳ୍ପ | 746.90 | - | 6263.03 |
| (ଗ)ପୁନଃରୁଦ୍ଧାର କାର୍ଯ୍ୟ | - | - | 1500.00 |
| (ଘ)ନୂତନ ପ୍ରକଳ୍ପ | 50.00 | - | 50.00 |
| 3. ଯନ୍ତ୍ରପାତି ସରଞ୍ଜାମ | 350.00 | 144.92 | 5.00 |
| 4.ପରିଚାଳନା ଓ ରକ୍ଷଣାବେକ୍ଷଣ | 1000.00 | 2806.00 | 1000.00 |
| 5. ସର୍ବେକ୍ଷଣ | 50.00 | - | 150.00 |
| 6. ପ୍ରତିଷ୍ଠାନ ବ୍ୟୟ | 1574.50 | 257.69 | 18.50 |
| 7. ବିଦ୍ୟୁତ ଦେୟ | 100.00 | - | - |
| 8. କାର୍ଯ୍ୟାଳୟ ଓ ବାସଗୃହ କୋଠାବାଡି | 60.00 | - | - |
| 9. କାର୍ଯ୍ୟାଳୟ ଓ ବାସଗୃହ କୋଠାବାଡି ମରାମତି | – | 828.21 | - |
| 10. ମରୁଡ଼ି ପ୍ରତିକାର ନିମନ୍ତେ | – | – | 870.90 |
| 11. କ-ୁଟରୀକରଣ | - | - | 100.00 |
| 12. ଅନ୍ୟାନ୍ୟ | 41.00 | 13.46 | 51.00 |
| 13. ସସ୍ପେନ୍ସ | 200.00 | 300.00 | - |
| 14. ବାଦ (ଆନୁପାତିକ ବ୍ୟୟ) | - | (-) 579.87 | - |
| ମୋଟ | **8200.00** | **3770.41** | **15752.14** |

ବଜେଟରେ ଅର୍ଥ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି 2006-07 ଆର୍ଥିକ ବର୍ଷରେ 16810 ଟି ନଳକୂପ ଓ 2000 ଟି ପରିମଳ କୂପ ସ୍ଥାପନ ସମେତ 180ଟି ନର୍ମାଣାଧୀନ ପାଇପ୍ ଜଳ ଯୋଗାଣ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରିବା ସକାଶେ ପ୍ରସ୍ତାବ ରଖାଯାଇଛି ।

### କେ.ବି.କେ ଜିଲ୍ଲାମାନଙ୍କରେ ସଂଶୋଧିତ ଦୀର୍ଘମିଆଦି କାର୍ଯ୍ୟକ୍ରମ (RLTAP)

ରାଜ୍ୟର ଅନଗ୍ରସର ଓ ଆଦିବାସୀ ଅଧ୍ୟୁଷିତ ଆଠଗୋଟି ଜିଲ୍ଲା ଯଥା- କୋରାପୁଟ, ନବରଙ୍ଗପୁର, ରାୟଗଡା, ମାଲକାନଗିରି,

ବଲାଙ୍ଗିର, ସୋନପୁର, କଳାହାଣ୍ଡି ଓ ନୂଆପଡାରେ ସଂଶୋଧିତ ଦୀର୍ଘମିଆଦି କାର୍ଯ୍ୟକ୍ରମ ଜରିଆରେ ଗମନାଗମନର ବିକାଶ ଏବଂ ନିରାପଦ ପାନୀୟ ଜଳ ଯୋଗାଣ ପାଇଁ ସରକାର ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି ।

2005-06 ମସିହାରେ କେ·ବି·କେ ଜିଲ୍ଲାମାନଙ୍କରେ ଗ୍ରାମ୍ୟ ପାନୀୟ ଜଳଯୋଗାଣ ନିମିତ୍ତ 900.00 ଲକ୍ଷ ଟଙ୍କାର ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା ମିଳିଛି । ଏହି ରାଶିକୁ ବିନିଯୋଗ କରି 2005-06 ରେ 1182ଟି ନଳକୂପ ଓ 150ଟି ପରିମଳକୂପ ସ୍ଥାପନର ଲକ୍ଷ୍ୟ ରଖାଯାଇଛି । ତା·28.2.2006 ରିଖ ସୁଦ୍ଧା 1056ଟି ନଳକୂପ ଓ 124ଟି ପରିମଳକୂପ ଗୁଡିକର ଖନନ କାର୍ଯ୍ୟ ଶେଷ ହୋଇଛି ଏବଂ 44ଟି ପାଇପ୍ ଜଳ ଯୋଗାଣ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି ।

**ସ୍ୱଜଳଧାରା ଗ୍ରାମ୍ୟ ପାନୀୟ ଜଳଯୋଗାଣ ଯୋଜନା**

ଗୋଷ୍ଠୀ ଓ ପଞ୍ଚାୟତ ଅନୁଷ୍ଠାନ ମାନଙ୍କୁ କ୍ଷମତାପନ୍ନ କରି ଗ୍ରାମାଞ୍ଚଳରେ ଜଳସମସ୍ୟା ସମାଧାନର ମୌଳିକ ଲକ୍ଷ୍ୟ ନେଇ କେନ୍ଦ୍ର ସରକାର ସ୍ୱଜଳଧାରା ଗ୍ରାମ୍ୟ ଜଳଯୋଗାଣ ଯୋଜନା ପ୍ରବର୍ତ୍ତନ କରିଛନ୍ତି । ରାଜ୍ୟର 30 ଟି ଯାକ ଜିଲ୍ଲାରେ ସ୍ୱଜଳଧାରା ଯୋଜନା କାର୍ଯ୍ୟକାରୀ ହେଉଛି ।

ଏହି ଯୋଜନାରେ ଗ୍ରାମ ପଞ୍ଚାୟତ ବା ହିତାଧିକାରୀ ଗୋଷ୍ଠୀ ପ୍ରକଳ୍ପ ବ୍ୟୟ ଅଟକଳର 10 ଶତାଂଶ contribution ଆକାରରେ ଦେବେ ଓ ଅବଶିଷ୍ଟ 90% କେନ୍ଦ୍ର ସରକାର ଦେବେ । ପାନୀୟ ଜଳ ପ୍ରକଳ୍ପଟି ସମ୍ପୂର୍ଣ୍ଣ ହେବାପରେ ଗ୍ରାମ୍ୟ ଜଳ ଓ ପରିମଳ କମିଟି (Village Water and Sanitation Committee) ବା ସମ୍ପୃକ୍ତ ଗ୍ରାମ ପଞ୍ଚାୟତ ତାହାର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଦାୟିତ୍ୱ ସମ୍ପୂର୍ଣ୍ଣ ଭାବେ ବହନ କରିବେ । ରକ୍ଷଣାବେକ୍ଷଣ ପାଇଁ କିଛି ଅନୁଦାନ ଥରକ ପାଇଁ ସରକାର ଦେବାର ପ୍ରସ୍ତାବ ଅଛି ।

2005-06 ଆର୍ଥିକ ବର୍ଷରେ କେନ୍ଦ୍ର ସରାକର ସ୍ୱଜଳଧାରା ଯୋଜନାରେ ଓଡ଼ିଶା ପାଇଁ 1804.20 ଲକ୍ଷ ଟଙ୍କା ମଞ୍ଜୁର କରି ପ୍ରଥମ କିସ୍ତି (75%) ବାବଦକୁ 1355.45ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି । 2002-03 ଓ 2005-06 ଆର୍ଥିକ ବର୍ଷ ମଧ୍ୟରେ କେନ୍ଦ୍ର ସରକାର ସ୍ୱଜଳଧାରା ଯୋଜନାରେ ଓଡ଼ିଶା ପାଇଁ ମୋଟ 4077.42 ଲକ୍ଷ ଟଙ୍କା ମଞ୍ଜୁର କରି 3342.96 ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି । ଏହି ଯୋଜନାରେ ମୋଟ 1285ଟି ପାନୀୟ ଜଳ ପ୍ରକଳ୍ପ ମଞ୍ଜୁର କରାଯାଇ ଅଦ୍ୟାବଧି 348ଟି ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରାଯାଇଛି ।

**ଗ୍ରାମାଞ୍ଚଳ ବିଦ୍ୟାଳୟରେ ପାନୀୟ ଜଳ ବ୍ୟବସ୍ଥା**

ପାନୀୟ ଜଳର ସୁବିଧା ନଥିବା ଗ୍ରାମ୍ୟ ବିଦ୍ୟାଳୟ ଗୁଡିକୁ 2006-07 ଆର୍ଥିକ ବର୍ଷ ଶେଷ ସୁଦ୍ଧା ପାନୀୟଜଳ ଯୋଗାଣ ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । 2005-06 ମସିହାରେ 12842 ଟି ବିଦ୍ୟାଳୟରେ ପାନୀୟ ଜଳ ବ୍ୟବସ୍ଥା କରିବା ପାଇଁ ଲକ୍ଷ୍ୟ ରଖାଯାଇଛି

। ତନ୍ମଧ୍ୟରୁ 830ଟି ବିଦ୍ୟାଳୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ବଦ୍ୟାଳୟ ଗୃହ ଗୁଡିକର ପୁନଃନିର୍ମାଣ କାର୍ଯ୍ୟକ୍ରମ (Reconstruction of School Building Programme)ରେ ପାନୀୟ ଜଳ ଯୋଗାଇ ଦେବେ । ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ସଂସ୍ଥା ଅବଶିଷ୍ଟ 12012 ବିଦ୍ୟାଳୟରେ ପାନୀୟ ଜଳର ବ୍ୟବସ୍ଥା କରିବେ । ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁଦାନରୁ 6234.16 ଲକ୍ଷ ଟଙ୍କା ବ୍ୟବସ୍ଥା କରାଯାଇଛି । 2006 ଫେବୃୟାରୀ ମାସ ଶେଷ ସୁଦ୍ଧା 5558ଟି ବିଦ୍ୟାଳୟରେ ନଳକୂପ/ପରିମଳକୂପ ମାଧ୍ୟମରେ ପାନୀୟ ଜଳ ବ୍ୟବସ୍ଥା କରାଯାଇଛି । 2006-07 ଆର୍ଥିକ ବର୍ଷରେ 2341ଟି ବିଦ୍ୟାଳୟରେ ପାନୀୟ ଜଳ ବ୍ୟବସ୍ଥା କରିବା ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁଦାନରୁ 1123.68 ଲକ୍ଷ ଟଙ୍କାର ଅର୍ଥ ବ୍ୟବସ୍ଥା ନିମନ୍ତେ ପ୍ରସ୍ତାବ କରାଯାଇଛି ।

## ଭାରତ ନିର୍ମାଣ

ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଗ୍ରାମାଞ୍ଚଳରେ ଭିତ୍ତିଭୂମି ଉନ୍ନତି ନିମନ୍ତେ ଭାରତ ନିର୍ମାଣର ପରିକଳ୍ପନା କରାଯାଇଛି । ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ଭାରତ ନିର୍ମାଣ ପରିସରଭୁକ୍ତ । ଓଡିଶାରେ 2005-06ରୁ 2008-09 ଆର୍ଥିକ ବର୍ଷ ମଧ୍ୟରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ନିମ୍ନୋକ୍ତ ଲକ୍ଷ୍ୟ ହାସଲ କରିବା ପାଇଁ ଉଦ୍ୟମ କରାଯିବ ।

- ତା 01.04.2005 ରିଖ ସୁଦ୍ଧା ରାଜ୍ୟରେ ଥିବା ଅଣସେବିତ (Not Covered) ଓ ଆଂଶିକ ସେବିତ (Partially Covered) ଗ୍ରାମ/ପଡାଗ୍ରାମ ମାନଙ୍କରେ ପାନୀୟ ଜଳର ବ୍ୟବସ୍ଥା ।
- ଯେଉଁ ଅଞ୍ଚଳରେ ଭୂଜଳରେ ମାତ୍ରାଧିକ ଫ୍ଲୋରାଇଡ, ଲୌହାଂଶ, ଲବଣାଂଶ ଇତ୍ୟାଦି ଯୋଗୁଁ ନିଷ୍ଧାରିତ ମାନର ପାନୀୟ ଜଳ ମିଳୁନାହିଁ ସେଅଞ୍ଚଳରେ Submission Scheme ମାଧ୍ୟମରେ ନିର୍ଦ୍ଧାରିତ ମାନର ପାନୀୟ ଜଳ ଯୋଗାଇଦେବା ।

ରାଜ୍ୟରେ ତା୧.୪.୦୫ ରିଖ ସୁଦ୍ଧା ଥିବା ସମସ୍ତ ଅଣସେବିତ (Not Coverred) ଗ୍ରାମ/ପଡ଼ାଗ୍ରାମ ଗୁଡ଼ିକ ନିମନ୍ତେ 2006-07 ଆର୍ଥିକ ବର୍ଷ ମଧ୍ୟରେ ପାନୀୟ ଜଳ ବ୍ୟବସ୍ଥା କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । 2005-06 ଆର୍ଥିକ ବର୍ଷରେ 11095ଟି ଅଣସେବିତ ପଡ଼ା ଗ୍ରାମରେ ପାନୀୟ ଜଳ ଯୋଗାଇ ଦେବାପାଇଁ ଲକ୍ଷ୍ୟ ରଖାଯାଇଛି । ଭୂଜଳରେ ମାତ୍ରାଧିକ ଫ୍ଲୋରାଇଡ଼, ଲୌହାଂଶ ବା ଲବଣାଂଶ ଥିବା ଯୋଗୁଁ ନିର୍ଦ୍ଧାରିତ ମାନର ପାନୀୟ ଜଳ ମିଳୁନଥିବା 2087ଟି ଗ୍ରାମ/ପଡ଼ା ଗ୍ରାମକୁ 2006-07 ଆର୍ଥିକ ବର୍ଷ ଶେଷ ସୁଦ୍ଧା 258ଟି Sub-Mission Schemes ମାଧ୍ୟମରେ ପାନୀୟ ଜଳ ଯୋଗାଇ ଦେବାର ପ୍ରସ୍ତାବ ଅଛି ।

## ଗ୍ରାମାଞ୍ଚଳରେ ନଳକୂପ ଓ ପରିମଳକୂପଗୁଡ଼ିକର ରକ୍ଷଣାବେକ୍ଷଣ

ସରକାରଙ୍କର ନିଷ୍ପତ୍ତି ଅନୁଯାୟୀ ତା1.3.2006 ରିଖ ରୁ ଗ୍ରାମାଞ୍ଚଳରେ ଥିବା ନଳକୂପ ଓ ପରିମଳକୂପଗୁଡ଼ିକର ରକ୍ଷଣାବେକ୍ଷଣ ସଂପୃକ୍ତ ଗ୍ରାମ ପଞ୍ଚାୟତମାନେ କରିବେ । ସ୍ୱାବଲମ୍ବୀ କାରିଗର (Self Employed Mechanics) ଗ୍ରାମ ପଞ୍ଚାୟତ ଅଧୀନରେ କାର୍ଯ୍ୟକରିବେ । ଆବଶ୍ୟକ ସ୍ଥଳେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ସଂସ୍ଥା ବୈଷୟିକ ସହାୟତା ଯୋଗାଇବେ ।

## ସଂପୂର୍ଣ୍ଣ ପରିମଳ ଅଭିଯାନ (Total Sanitation Campaign)

କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ମିଳିତ ଆନୁକୁଲ୍ୟରେ ରାଜ୍ୟର 15ଟି ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସଂପୂର୍ଣ୍ଣ ପରିମଳ ଅଭିଯାନ 2004 ଡିସେମ୍ବର ମାସରେ 24ଟି ଜିଲ୍ଲାକୁ ଓ 2005 ଫେବୃୟାରୀ ମାସରେ 30ଟି ଜିଲ୍ଲାକୁ ସଂପ୍ରସାରିତ ହୋଇଛି । ଏହି ଯୋଜନାଟିକୁ କାର୍ଯ୍ୟକାରୀ କରିବା ପାଇଁ ମୋଟ 43973.42 ଲକ୍ଷ ଟଙ୍କାର ବ୍ୟୟ ଅଟକଳ ମଞ୍ଜୁର କରାଯାଇଛି । ତନ୍ମଧ୍ୟରୁ କେନ୍ଦ୍ର ସରକାରଙ୍କ ଅଂଶଧନ 28411.16 ଲକ୍ଷ ଟଙ୍କା, ରାଜ୍ୟ ସରକାରଙ୍କ ଅଂଶଧନ 9342.61 ଲକ୍ଷ ଟଙ୍କା ଓ ଉପଭୋକ୍ତାଙ୍କ ଦେୟ 6219.65 ଲକ୍ଷ ଟଙ୍କା । ଅଦ୍ୟାବଧି କେନ୍ଦ୍ର ସରକାର ତାଙ୍କ ଅଂଶଧନ ବାବଦକୁ 10108.73 ଲକ୍ଷ ଟଙ୍କା ଓ ରାଜ୍ୟ ସରକାର ଆନୁପାତିକ ଅଂଶଧନ ବାବଦକୁ 2943.61 ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି । ରାଜ୍ୟ ସରକାରଙ୍କ ତାଙ୍କର ଆନୁପାତିକ ଅଂଶଧନ ବାବଦକୁ ଆଉ 331.67ଲକ୍ଷ ଟଙ୍କା ଦେବାକୁ ଅଛି ।

ଗତ 2001-02 ମସିହାରୁ କାର୍ଯ୍ୟକାରୀ ହେଉଥିବା ସଂପୂର୍ଣ୍ଣ ପରିମଳ ଅଭିଯାନରେ ଗ୍ରାମାଞ୍ଚଳରେ ତା 31.1.2006ରିଖ ସୁଦ୍ଧା 8413 ଗୋଟି ବିଦ୍ୟାଳୟ ଓ 451ଟି ଅଙ୍ଗନବାଡି କେନ୍ଦ୍ର ପାଇଖାନା ନିର୍ମାଣ କରାଯାଇଅଛି ଏବଂ 855601 ପରିବାରଙ୍କ ପାଇଁ ନିଜସ୍ୱ ପାଇଖାନା ସୁବିଧା ଉପଲବ୍ଧ ହୋଇଛି । ଏହି ଯୋଜନା ମାଧ୍ୟମରେ ଯେପରି ଓଡିଶାର ଗ୍ରାମାଞ୍ଚଳରେ ବାସ କରୁଥିବା 6388444 ପରିବାର ପାଇଖାନା ବ୍ୟବହାର କରିବେ ସେଥିପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବା ସହିତ ବୈଷୟିକ ସହାୟତା ଏବଂ ଦାରିଦ୍ର ସୀମାରେଖା ତଳେ ଥିବା ପରିବାରମାନଙ୍କୁ ଆଂଶିକ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି । ଯୋଜନାର କାର୍ଯ୍ୟକାରିତାକୁ କ୍ଷିପ୍ରତର ଓ ଅଧିକ ଫଳପ୍ରସୁ କରିବା ପାଇଁ ଆବଶ୍ୟକ ଦପକ୍ଷେପ ନିଆଯାଉଛି । ରାଜ୍ୟର ସମସ୍ତ ଜିଲ୍ଲାରେ ଓ ରାଜ୍ୟ ସ୍ତରରେ ଜଳ ଓ ପରିମଳ ମିଶନ ଗଠିତ ହୋଇଛି । ଗ୍ରାମ୍ୟ ପରିମଳ କ୍ଷେତ୍ରରେ ବ୍ୟାପକ ଓ ଦ୍ରୁତ ପରିବର୍ତ୍ତନ ଆଣିବା ପାଇଁ ସରକାର ସଂପୂର୍ଣ୍ଣ ପରିମଳ ଅଭିଯାନ ମାଧ୍ୟମରେ ଯେଉଁ ଉଚ୍ଚାଭିଳାଷୀ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ତାହର ସଫଳ ରୂପାୟନ ନିମନ୍ତେ ସମସ୍ତଙ୍କର ସହଯୋଗ କାମ୍ୟ ।

ଏହି ଯୋଜନାରେ 2006-07 ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାରଙ୍କ ଅଂଶଧନ ବାବଦକୁ 800.00 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

## ସଚିବାଳୟ ପ୍ରତିଷ୍ଠାନ ବ୍ୟୟ

2005-06 ଆର୍ଥିକ ବର୍ଷରେ ସଚିବାଳୟ ପ୍ରତିଷ୍ଠାନ ବ୍ୟୟ

ନିମନ୍ତେ ଅଣଯୋଜନାରେ 154 ଲକ୍ଷ 42 ହଜାର ଟଙ୍କାର ବ୍ୟୟ ବରାଦ କରାଯାଇଅଛି ଏବଂ 2006-07 ଆର୍ଥିକ ବର୍ଷ ନିମନ୍ତେ 163ଲକ୍ଷ 12 ହଜାର ଟଙ୍କାର ବ୍ୟୟ ଅଟକଳ କରାଯାଇଅଛି ।

❑